# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**05th December - 2024**

**News Editor : *Itishree Singh Rathaur***

**********************************

***Desk***

## ରାଷ୍ଟ୍ରପତି - ଭୁବନେଶ୍ୱର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହାପରେ ସନ୍ଧ୍ୟାରେ ରାଷ୍ଟ୍ରପତି ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବେ । ଆସନ୍ତାକାଲି ଓ ଶନିବାର ଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

***Desk***

## ବିଧାନସଭା-ବ୍ୟୟମଞ୍ଜୁରୀ

ବିଧାନସଭାରେ ଆଜି ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ବଜେଟ୍ ପାଇଁ ବ୍ୟୟମଞ୍ଜୁରି ବିଲ୍ ଆଗତ ହେବ । ଗୃହରେ ଗତକାଲି ଗିଲୋଟିନ୍ ଜରିଆରେ ବିଭିନ୍ନ ବିଭାଗର ଅତିରିକ୍ତ ଖର୍ଚ୍ଚଦାବୀ ଗୃହୀତ

ହୋଇଛି । ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଖର୍ଚ୍ଚଦାବୀ ଉପରେ ଆଲୋଚନା ହୋଇଥିଲା । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨୬ ତାରିଖରେ ପ୍ରଥମ ଅତିରିକ୍ତ ବଜେଟ୍ ଗୃହରେ ଉପସ୍ଥାପନ କରିଥିଲେ ।

***Desk***

## ମହାରାଷ୍ଟ୍ର - ଶପଥଗ୍ରହଣ

ମହରାଷ୍ଟ୍ରରେ ଆଜି ନୂଆ ମୁଖ୍ୟମନ୍ତ୍ରୀ ଭାବେ ଦେବେନ୍ଦ୍ର ଫଡ଼ନବୀଶ ଶପଥ ଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବେ ବୋଲି ଜଣାପଡ଼ିଛି । ମୁମ୍ବାଇର ଆଜାଦ୍ ମଇଦାନରେ ହେବାକୁ ଥିବା ଏହି ସମାରେହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ।

***IPR***

## ସୁଭଦ୍ରା

ସୁଭଦ୍ରା ଯୋଜନା ଅଧୀନରେ ଆସନ୍ତା ୨୫ ତାରିଖରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥ ପ୍ରଦାନ କରାଯିବ । ଏଥିରେ ଏପର୍ଯ୍ୟନ୍ତ ସହାୟତା ପାଇ ନ ଥିବା ହିତାଧିକାରୀଙ୍କ ଆବେଦନ ଯାଞ୍ଚ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାଲାଗି ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଅନୁଯାୟୀ, ଚଳିତ ମାସ ୧ ତାରିଖ ସୁଦ୍ଧା ୧

କୋଟି ୫ ଲକ୍ଷ ୩୬ ହଜାର ୬୧୨ଟି ଆବଦେନ ପତ୍ର ମଧ୍ୟରୁ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇସାରିଛି । ଗତ ସନ୍ଧ୍ୟାରେ ଉନ୍ନୟନ କମିଶନର୍ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆସନ୍ତାକାଲି ସୁଦ୍ଧା ବ୍ଲକ୍ ଓ ସହରାଞ୍ଚଳ ସ୍ତରରେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଁ ନିଷ୍ପତ୍ତି ହୋଇଛି । ଆସନ୍ତାକାଲିଠାରୁ ୭ ଦିନ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି ।

***Desk***

# ଧାନ ସଂଗ୍ରହ

ରାଜ୍ୟର ୫ଟି ଜିଲ୍ଲାର ୮୦୩ଟି ମଣ୍ଡିରେ ଧାନକିଣା ଚାଲିଛି । କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୨୨୩ଟି ମଣ୍ଡିରେ ଧାନକିଣା ଚାଲିଥିବାବେଳେ ବରଗଡ଼ରେ ୧୯୭ଟି, ବଲାଙ୍ଗିରରେ ୧୭୬ଟି, ସମ୍ବଲପୁରରେ ୧୨୯ଟି ଓ ନୂଆପଡ଼ାରେ ୭୮ଟି ମଣ୍ଡି ଖୋଲାଯାଇଛି । ନୋଡ଼ାଲ୍ ଅଧିକାରୀମାନେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଯାଞ୍ଚ୍ କରୁଛନ୍ତି । ଚାଷୀମାନଙ୍କୁ ମଣ୍ଡିଗୁଡ଼ିକରେ ସମସ୍ତ ସୁବିଧା ପ୍ରଦାନ କରାଯାଉଛି ।

*IPR*

## ପୁସ୍ତକମେଳା

ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆସନ୍ତାକାଲିଠାରୁ ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଆରମ୍ଭ ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପୁସ୍ତକ ମହୋତ୍ସବରେ ୪ ଶହଟି ଷ୍ଟଲ୍ ସହିତ ପ୍ରାୟ ୨ ଶହ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଯୋଗଦେବେ । ଚଳିତ ବର୍ଷ ପୁସ୍ତକ ମହୋତ୍ସବ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ, ବୁଦ୍ଧସ୍ମାରକୀ, ଭଗବାନ୍ ବିର୍ସା ମୁଣ୍ଡା ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ଆଧାର କରି ୩ଟି ପାଭିଲିୟନ୍ ନିର୍ମାଣ କରାଯିବ । ଏହି ପୁସ୍ତକମେଳା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ।

*Desk*

## ଧନୁଯାତ୍ରା

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଆସନ୍ତା ମାସ ୩ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଗତକାଲି ହାଟପଦାସ୍ଥିତ ସଞ୍ଚାର ପଡ଼ିଆରେ ଧ୍ୱଜା ପୂଜା ସହ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ ୭୭ତମ ଧନୁଯାତ୍ରା ପାଳନ ନିମନ୍ତେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରୁ ଆଜ୍ଞାମାଳ ଆସିବା ପରେ ଧନୁଯାତ୍ରା ପ୍ରତୀକକୁ ସହର ପରିକ୍ରମା କରାଯାଇଥିଲା ।

***Desk***

# ଓ.ଏସ୍.ଏସ୍.ଟି.ଇ.ଟି.

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସନ୍ତା ମାସରେ ହେବାକୁ ଥିବା ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷା ପାଇଁ ୫୦ ହଜାରରୁ ଅଧିକ ପ୍ରାର୍ଥୀ ଆବେଦନ କରିଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୮୨ଟି କେନ୍ଦ୍ରରେ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି । ପରୀକ୍ଷା ସୂଚୀ ସମ୍ପର୍କରେ ଖୁବ୍ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

***IPR***

# ଆଥ୍‌ଲେଟ୍ ଚାମ୍ପିୟନ୍‌ସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ଶନିବାରଠାରୁ ଅଣଚାଳିଶ ତମ ଜାତୀୟ କନିଷ୍ଠ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ପ୍ରାୟ ୨ ହଜାର କ୍ରୀଡ଼ାବିତ୍ ଭାଗ ନେବେ । ଓଡ଼ିଶାରୁ ୩୫ ଜଣ ମହିଳା କ୍ରୀଡ଼ାବିତ୍‌ଙ୍କ ସମେତ ମୋଟ ୭୮ ଜଣ କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଏହି ପ୍ରତିଯୋଗିତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Desk***

# ସ୍ୱେଚ୍ଛାସେବୀ ଦିବସ

ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ସଙ୍ଗଠନଗୁଡ଼ିକର ମୂଲ୍ୟବୋଧ ବିଷୟରେ ସଚେତନତା ସୃଷ୍ଟିପାଇଁ ଆଜି ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ କରାଯାଉଛି । ୧୯୮୫ ମସିହାରେ ଜାତିସଂଘର ସାଧାରଣ ପରିଷଦ ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ସ୍ୱେଚ୍ଛାସେବୀ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ।

***Desk***

# ପୁଞ୍ଜିନିବେଶ

ରାଜ୍ୟରେ ଗତ ଅକ୍ଟୋବର ମାସ ସୁଦ୍ଧା ୯ ଲକ୍ଷ ୨୪ ହଜାର ଏମ୍.ଏସ୍.ଏମ୍.ଇ.ରେ ୩୧ ହଜାର କୋଟିରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ହୋଇଛି ବୋଲି ଉଦ୍ୟମ୍ ପୋର୍ଟାଲ୍ ତଥ୍ୟରୁ ଜଣାପଡ଼ିଛି । ଏହା ଅନୁସାରେ ଏହି ଶିଳ୍ପଗୁଡ଼ିକ ୭୧ ଲକ୍ଷ ୭୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି । ରାଜ୍ୟରେ ନଭେମ୍ବର ମାସ ସୁଦ୍ଧା ୯ ଲକ୍ଷ ୪୪ ହଜାର ୬୭୦ ଏମ୍.ଏସ୍.ଏମ୍.ଇ. ପଞ୍ଜିକୃତ ହୋଇଛନ୍ତି ।

*Desk*

# ପାଣିପାଗ

ରାଜ୍ୟରେ ଆସନ୍ତା ଶନିବାରଠାରୁ ଶୀତର ପ୍ରଭାବ ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ସୂଚନା ଅନୁସାରେ, ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି । ଆସନ୍ତା ଦୁଇ ଦିନ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝରରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ ।

*****